# Akashvani, Sambalpur

## SAMBALPURI NEWS EVENING BULLETIN

## 29 April 2025- 7.02 pm- 7.12 pm.

**********************************************

୧- ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନା ଉପ୍‌ରେ ନୂଆଦିଲ୍ଲୀ ନ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଛେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ।

୨- ଖେଲ୍ ଆଉ ମନୋରଞ୍ଜନ୍ ଜରିଏ ପ୍ରାଥମିକ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କୁ ଶିକ୍ଷା ଦେବାର୍ ଲାଗି ରାଜ୍ୟର୍ ୪୫ ହଜାର୍ ସ୍କୁଲ୍‌କେ ଦିଆଯିବା ଯାଦୁପେଡ଼ି ।

୩- ରାଜ୍ୟନୁ ୨୦୨୬ ତକ୍ ମିଳିମିଳା ଆର୍ ରୁବେଲାକେ କରାଯିବା ନିର୍ମୁଲ୍- କହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଆଉର୍

୪- ଆଏବା କାଏଲ୍ ପବିତ୍ର ଅକ୍ଷୀତୃତୀୟା ତିଥିଥି ପୁରୀ ଶ୍ରୀମନ୍ଦିର୍ ନ ରଥଯାତ୍ରା ଲାଗି ରଥତିଆରି କାମ୍ କରାହେବା ଅନୁକୁଲ୍ ।

ପେହେଲ୍‌ଗାଓଁ ଆତଙ୍କବାଦୀ ଆକ୍ରମଣ    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପେହେଲ୍‌ଗାଓଁ ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ନୂଆଦିଲ୍ଲୀ ନ ହେଇଥିବା ବୈଠକ୍‌ଥି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଅନୀଲ୍ ଚୌହାନ୍‌ଙ୍କର୍ ସହେତେ ତିନ୍‌ହି ସେନାର୍ ମୁଖ୍ୟ ଆଉ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ ।

ଯାଦୁପେଡ଼ି    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଖେଲ୍ ଆଉ ମନୋରଞ୍ଜନ୍ ଜରିଏ ଛୁଆମାନ୍‌କୁ ପାଠ୍‌ପଢ଼ା ଆଡ଼େ ଘିଚ୍‌ବାର୍ ଲାଗି ନୂଆଁ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ଶିଶୁବାଟିକା -୧ ଆର୍ ୨ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଏନ୍‌ସିଇଆର୍‌ଟି ତର୍‌ଫୁ ତିଆର୍ ହେଇଥିବା ଯାଦୁପେଡ଼ି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ହେଇଥିବା ବୈଠକ୍‌ଥି ଶିଶୁ ବାଟିକାର୍

ଛୁଆମାନ୍‌କର୍ ଲାଗି ତିଆର୍ ହେଇଥିବା ଯାଦୁପେଡ଼ିକେ ମୁଖ୍ୟମନ୍ତ୍ରୀ ଦେଖିଥିଲେ । ଯାଦୁପେଡ଼ିଥି ଥିବା ଖେଲ୍‌ନାଥି ଛୋଟ୍ ଛୋଟ୍ ଛୁଆମାନେ ନିଜର୍ ଆଖର୍‌ପାଖର୍ ଅଂଚଲ୍‌ଥି ବେଭାର୍ ହଉଥିବା ଜିନିଷ୍ ଆଉ ସେଥିର୍ ଉପଯୋଗିତା ବାବ୍‌ଦେ ଶିଖିପାର୍‌ବେ । ଇ ଯାଦୁପେଡ଼ିର୍ ଖେଲ୍‌ନା ସବୁ ସେମାନ୍‌କୁ ପାଠ୍‌ପଢ଼ା ନ ମନ୍ ଲଗାବାର୍‌ଥି ସାହାଜ୍ କର୍‌ବା । ପାଖାପାଖି ୯୦ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ଇ ଯାଦୁପେଡ଼ି ରାଜ୍ୟର୍ ୪୫ ହଜାର୍ ସ୍କୁଲ୍‌କେ ବଂଟାଯିବା । ଫିଂ’ କିଟ୍ ଲାଗି ୨୦ ହଜାର୍ ଟଙ୍କା ଖର୍ଚ୍ଚା କରାଯାଇଛେ ।

ମନ୍ତ୍ରୀଙ୍କ ତାଗିଦ୍      ହି.ସ.

ରାଏଜେ ବଢୁଥିବା ଖରାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍ ଗଲା ୨୬ ତାରିଖ୍‌ନୁ ସବୁ ସର୍‌କାରୀ ଆଉ ବେସର୍‌କାରୀ ବିଦ୍ୟାଲୟମାନ୍‌କେ ଛୁଟି ଘୋଷ୍‌ନା କରିଛନ୍ । ହେଲେ ଇ ନିୟମ୍‌କେ ଭାଙ୍ଗିକରି ଖରାଛୁଟିଥି ଯଦି କେନ୍‌ସି ଘରୋଇ ଶିକ୍ଷାନୁଷ୍ଠାନ୍ ସ୍କୁଲ୍ ଖୁଲ୍‌ବେ ସେମାନ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଇ ସମିଆ ଭିତ୍‌ରେ କେତେଟା ଘରୋଇ ଶିକ୍ଷାନୁଷ୍ଠାନ୍

ଖୁଲାଯାଉଥିବାର୍ ଅଭିଯୋଗ୍ ଆସିଥିବାର୍‌ନୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଇଟା କହିଛନ୍ ।

ଗ୍ରୀଷ୍ମପ୍ରବାହ ପ୍ରାଥମିକତା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ବଢୁଥିବା ତାତିକେ ନଜର୍‌ଥି ରଖିକରି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ସାଧାରଣ୍ ଲୁକଙ୍କର୍ ଜୀବନ୍ ଆର୍ ଜୀବିକାର୍ ସୁରକ୍ଷା ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ସଚେତନ କରାଯାଉଛେ । ଭୁବ୍‌ନେଶ୍ୱର୍ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଠାନେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଳକଣ୍ଠ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଖରା ସମିଆଥି ଜନଜୀବନ୍‌ର ସୁରକ୍ଷାର୍ ଲାଗି ଦର୍‌କାର୍ ହେଉଥିବା ପଦକ୍ଷେପ୍, ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ସବୁ ପ୍ରକାରର୍ ବ୍ୟବସ୍ଥା କର୍‌ବାର୍ ବାବ୍‌ଦେ ଆଲୋଚନା ହେଇଛେ । ଖଣି ଖାଦାନ୍ ନ ଇଲାକାମାନ୍‌କେ ଲୁକ୍‌କୁ ଅଏତ୍‌କା ସମ୍ବଲ ଆଉ ସୁରକ୍ଷା ଯୁଗେଇ ଦେବାର୍‌କେ ବୈଠକ୍‌ଥି ପରାମର୍ଶ ଦିଆଯାଇଛେ । ଝାଉ ମାରିଥିବା ଲୁକ୍‌କର୍ ଲାଗି ସବୁପ୍ରକାର୍ ସୁବିଧା କର୍‌ବାର୍ ଲାଗି ଜିଲ୍ଲାସ୍ୱାସ୍ଥ୍ୟ ପ୍ରଶାସନ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

୪ ଧାମ୍ ଯାତ୍ରା ଏନ୍‌ଏସ୍‌ଡି

ପବିତ୍ର ଅକ୍ଷୀତୃତୀୟା ଅବ୍‌ସରେ ଆଏବା କାଏଲ୍‌ଠାନୁ ଉତରାଖଣ୍ଡର ୪ ଧାମ୍ ଯାତ୍ରା ମୁଲ୍ ହେବା । ଆଏବା ୨ ତାରିଖ୍ ଶ୍ରଦ୍ଧାଲୁମାନେ କେଦାର୍‌ନାଥ୍ ଧାମ୍‌କେ ଦର୍ଶନ୍ ଲାଗି ଯାଇପାର୍‌ବେ । ଇଥିର୍‌ଲାଗି ଗଲାକାଏଲ୍‌ନୁ ପଞ୍ଜିକରଣ୍ ମୁଲ୍ ହେଇଛେ । ଦିବ୍ୟାଙ୍ଗ, ବରିଷ୍ଠ ଆଉ ବିଦେଶୀ ନାଗରିକ୍‌ମାନ୍‌କର୍ ଲାଗି ଖାସ୍ କାଉଂଟର୍‌ମାନ୍ ଖୁଲାଯାଇଛେ । ୨୦ ଟା ନିଶୁଳ୍କ କାଉଂଟର୍ ଭିଲ୍ କାମ୍ କରୁଛେ । ଶ୍ରଦ୍ଧାଲୁମାନ୍‌କର୍ ଆସ୍‌ବାର୍‌ଟାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ । ଶ୍ରଦ୍ଧାଲୁମାନେ ଇ ୪ ଧାମ୍ ଗସ୍ତ ଅବ୍‌ସରେ ଜମୁନେତ୍ରୀ, ଗଙ୍ଗୋତ୍ରୀ, କେଦାର୍‌ନାଥ୍ ଆର୍ ବଦ୍ରିନାଥ୍‌କେ ଯାଇକରି ଦର୍ଶନ୍ କରିପାର୍‌ବେ ।

ମିଲିମିଲା ଆଉ ରୁବେଲା ନିରାକରଣ    ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଓଡ଼ିଶା ଜନସ୍ୱାସ୍ଥ୍ୟକେ ପୁରାପୁରି ଭାବେ ବର୍‌କସ୍ କରାଯିବା ଆଉ ଭବିଷ୍ୟତ୍ ପିଢ଼ିର୍ ସୁରକ୍ଷା ଦିଗେ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ସ୍ୱରୂପ୍ ଆଏଜ୍ ରାଏଜେ ମିଲିମିଲା ଆଉ ରୁବେଲା ନିରାକରଣ୍ କାର୍ଯ୍ୟକ୍ରମ୍‌କେ ତ୍ୱରିତ କର୍‌ବାର୍ ଲାଗି

ଗୁଟେ ବିସ୍ତୃତ୍ ସୂଚ୍ନା, ଶିକ୍ଷା ଆଉ ଯୋଗାଯୋଗ୍ ସାମଗ୍ରୀ ଉନ୍ମୋଚିତ୍ ହେଇଛେ । ଭୁବନେଶ୍ୱର୍ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ଇତାକେ ଉନ୍ମୋଚନ୍ କରିଛନ୍ । ସାରା ପୁର୍‌ଥି ନ ଗଲା ୨୪ ତାରିଖ୍‌ନୁ ବିଶ୍ୱ ଟୀକାକରଣ୍ ସପ୍ତାହ -୨୦୨୫ ମୁଲ୍ ହେଇଛେ । ଇ ଅବ୍‌ସରେ ଆଏଜ୍ ରାଏଜେ ମିଳିମିଳା ଆଉ ରୁବେଲା ନିରାକରଣ୍ କାର୍ଯ୍ୟକ୍ରମ୍ ଆରମ୍ଭ ହେଇଛେ । ୨୦୨୬ ତକ୍ ରାଜ୍ୟକେ ମିଳିମିଳା ଆଉ ରୁବେଲା ନୁ ପୁରାପୁରି ଭାବେ ନିର୍‌ମୁଲ୍ କର୍‌ବାର୍ ଲାଗି ସର୍‌କାର୍ ସଂକଳ୍ପବଦ୍ଧ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

(ଭଏସ୍ ଓଭର୍- ସ୍ୱାସ୍ଥ୍ୟମନ୍ତ୍ରୀ)

ଓଜେଇଇ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ଆଏବା ମାସ ୨ ତାରିଖ୍‌ନୁ ହେବା । ୧୨ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପରୀକ୍ଷା ୩ ଟା ଖେପ୍‌ଥି ହେବା । ପରୀକ୍ଷା ସଖାଲର୍ ୮ ନୁ ୧୦, ସାଢ଼େ ୧୨ ନୁ ସାଢ଼େ ୨ ଆର୍ ଉପର୍‌ବେଲାର୍ ୪ ନୁ ସାଢ଼େ ୬ ବଜେତକ୍ ହେବା । ସବୁଯାକ ପରୀକ୍ଷା କମ୍ପ୍ୟୁଟର୍ ବେସ୍‌ଡ୍ ସିବିଟି

ଜରିଏ କରାଯିବା । ଛାତ୍ରଛାତ୍ରୀ ମାନେ ୱେବ୍‌ସାଇଟ୍‌ନୁ ନିଜର୍ ଏଡ୍‌ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ଓଜେଇଇ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ଆର୍‌ଏନ୍‌ୟୁ / କଟକ୍

କଳାର ସୃଜନଶୀଳ ରୂପ ହେଉଛେ ନୃତ୍ୟ । ଯେନ୍‌ଟା ମୁନ୍‌ଷର୍ ଆଭ୍ୟନ୍ତରୀଣ ଶକ୍ତିକେ ତହଁକ୍ ବଢ଼ାବାର୍‌ଥି ସାହାଜ୍ ହେସି । ଇ ବାର୍ତାକେ ନେଇକରି ଆଏଜ୍ ସାରା ପୁର୍‌ଥି ନ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ପାଲନ୍ କରାଯାଉଛେ । ଫି' ବଛର୍ ଏପ୍ରିଲ୍ ମାସର୍ ୨୯ ତାରିଖ୍‌କେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍ ଜର୍ଜେସ୍ ନୋଭେର୍‌ଙ୍କୁ ସୁର୍‌ତା କରିକରି ଇ ଦିବସ୍ ପାଲନ୍ କରାଯାଉଛେ । ୧୯୮୨ ମସିହା ଇଂଟର୍ ନେସ୍‌ନାଲ୍ ଥିଏଟର୍ ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ତର୍‌ଫୁ ଆନ୍ତର୍ଜାତୀୟ ନୃତ୍ୟ ଦିବସ୍ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଫି ବଛର୍ ଅନ୍ତର୍ଜାତୀୟ ନୃତ୍ୟ କମିଟି ତର୍‌ଫୁ ଝନେ ନୃତ୍ୟ ଗୁରୁ ନାହେତ ନୃତ୍ୟ ଶିଳ୍ପୀଙ୍କୁ ବଛାଯାଏସି ଆର୍ ସେମାନ୍‌କର୍ ପ୍ରେରଣାତ୍ମକ ବାର୍ତାକେ ଭିନ୍ ଭିନ୍ ଭାଷାଥି ଅନୁବାଦ୍ କରାଯାଇକରି ବିଶ୍ୱସ୍ତର୍‌ଥି ପ୍ରସାର୍ କରାଯାଏସି ।

ଓଡ଼ିଶାର୍ ଭିନ୍ ଭିନ୍ ଲୋକକଳା ଯେନ୍ତାକି - ଯାତ୍ରା, ଅଭିନୟ, ପାଲା, ଦାସକାଠିଆ, ଗୀତିନାଟ୍ୟ, ପୁତ୍ଲିନାଚ୍, ଚଇତିଘୁଡ଼ା ନାଚ୍, ସୁଆଙ୍ଗ, କେନ୍ଦରାଗୀତ, ଖଞ୍ଜଣୀ ଆର୍ ଭଜନ୍ ପିଢ଼ି ପିଢ଼ି ଧରିକରି ଓଡ଼ିଶା ସାହିତ୍ୟର ସୃଷ୍ଟି, ଥିତି ଆର୍ ବିକାଶ୍ର ଗୁଟେ ବର୍କସ୍ ମାଧମ୍ ହେଇଆସୁଛେ ।

ସମ୍ବଲ୍ପୁର୍- ଡିଏଲ୍ପିସି ବୈଠକ     ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ନ ଡିଏଲ୍ପିସି ବୈଠକ୍ ହେଇଯାଇଛେ । ବୈଠକ୍ନୁ ମିଲିଥିବା ସୂଚ୍ନା ଅନ୍ସାରେ ଆଏବା ମେ ମାସ ୧୪ ତାରିଖ୍ନୁ ଚାଷୀମାନ୍କର୍ନୁ ରବି ଧାନ୍ ଘିନ୍ବାର୍ ଲାଗି ଥିର୍ କରାଯାଇଛେ । ଇ ବଛର୍ ଜିଲ୍ଲା ନ ୫୮ ଟା ମଣ୍ଡି ଖୁଲ୍ବାର୍ ଲାଗି ନିଷ୍ପତି ନିଆଯାଇଛେ । ଧାନ୍ ବିକ୍ବାର୍ ଲାଗି ଇହାଦେତକ୍ ୧୬ ହଜାର୍ ଚାଷୀ ପଞ୍ଜିକରଣ୍ କରିସାରିଛନ୍ ।

ଅକ୍ଷୀ ତୃତୀୟା-ରଥତିଆରି କାମ୍ ଅନୁକୂଳ/ଆର୍ଏନ୍ୟୁ ସମ୍ବଲପୁର

ଆଏବା କାଏଲ୍ ପବିତ୍ର ଅକ୍ଷୀ ତୃତୀୟା ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ବିଶ୍ୱପ୍ରସିଦ୍ଧ ରଥ୍ଯାତ୍ରା ଲାଗି ରଥତିଆରି କାମ୍ର

ଅନୁକୂଳ କରାହେବା । ଇତାର୍‌ସହେତେ ଆଏବାକାଏଲ୍‌ନୁ ମାହାପୁରୁମାନ୍‌କର୍ ୨୧ ଦିନିଆ ବାହାର ଚନ୍ଦନ୍ ଯାତ୍ରା ଭିଲ୍ ହେବା । ସେଆଡ଼େ ଅକ୍ଷୀତୃତୀୟା ଅବ୍‌ସରେ ଆଏବା ରଥ୍‌ଯାତ୍ରା ଲାଗି ୩ ଟା ଧଉରାକାଠ ଶ୍ରୀମନ୍ଦିର୍ ପଶାସନ୍ କାର୍ଯ୍ୟାଳୟ ଆଗାଡ଼େ ରଖାଯିବାର୍ ସହେତେ ରଥ ତିଆରି କାମ୍ ମୁଲ୍ କରାଯିବା । ଇଥିର୍‌ଲାଗି ଭକ୍ତମାନ୍‌କର୍ ଭିଡ୍‌କେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ ।

ସେଆଡ଼େ ସମ୍ବଲ୍‌ପୁର୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗାର ଶୈବପୀଠମାନ୍‌କେ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ପହେଲା କାର୍ଯ୍ୟକ୍ରମ୍ ଥାଲ୍‌ଉଠା ମୁଲ୍ ହେବା ।

ନ୍ୟୁଜ୍ ହେଡ୍‌ଲାଇନ୍ସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର୍, ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ଆଏବା କାଏଲ୍‌ଠାନୁ ଉପର୍‌ବେଲା ୪ ବଜେନୁ ରାତିର୍ ୧୧ ବଜେତକ୍ ଫି’ ଘଂଟାଥି ଖବର୍ ଶୀର୍ଷକ୍ ନ୍ୟୁଜ୍ ହେଡ୍‌ଲାଇନ୍ସ ପ୍ରସାରଣ୍ କରାଯିବା । ଶ୍ରୋତାମାନେ ଶହେ ୧ ଏଫ୍.ଏମ୍. ମହାନଦୀ ଆର୍ ୯ ଶହ ୪୫ କିଲୋହର୍ଜ ଜରିଏ ଇ ମୁଖିଆ ସମ୍ବାଦ ଶୁନିପାର୍‌ବେ । ଇତାର୍‌ସହେତେ ଆଂଚଲିକ୍ ସମ୍ବାଦ

ବିଭାଗ୍ ଖୁବ୍ ଜଲ୍‌ଦି ଆର୍ ୨ ଟା ସୂଚନାଭିତିକ କାର୍ଯ୍ୟକ୍ରମ୍ ମୁଲ୍ କର୍‌ବାର୍‌କେ ଯାଉଛେ ।

ଜିଲ୍ଲାସ୍ତରୀୟ ଷ୍ଟିଅରିଂ କମିଟି          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସଭାଗୃହ ନ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ପହେଲା ଜିଲ୍ଲାସ୍ତରୀୟ ଷ୍ଟିଅରିଂ କମିଟି ବୈଠକ୍ ହେଇଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଗଲାବଛର୍ ଜୁଲାଇ ମାସୁ ଆଗତ୍ ହେଇଥିବା ନୂଆଁ ଫୌଜଦାରୀ ନିୟମାବଳୀର ସଫଲ୍ ରୂପାୟନ୍ ଆଉ ସବୁଦିନିଆ କାର୍ଯ୍ୟକ୍ଷେତ୍ର ଆଉ ଅଫିସ୍ କାମ୍‌ଥି ଲାଗୁ କର୍‌ବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା । ଭବିଷ୍ୟତ୍‌ଥି ଭିନ୍ ଭିନ୍ କର୍ମଶାଳାମାନେ ଆୟୋଜନ୍ କରାଯାଇକରି ସର୍‌କାରୀ କର୍ମଚାରୀ, ସାଧାରଣ ଜନତା, ସ୍କୁଲ୍ କଲେଜ୍‌ର ଛାତ୍ରଛାତ୍ରୀମାନ୍‌କୁ ତାଲିମ୍ ଦେଇକରି ସଚେତନ୍ କର୍‌ବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଥିଲା ।

ମହାରାଜ୍ ବୀର ମିତ୍ରୋଦୟ ସିଂହଦେଓ    ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ମହାରାଜ୍ ବୀରମିତ୍ରୋଦୟ ସିଂହଦେଓଙ୍କର୍ ୮୮ ତମ ଶ୍ରାଦ୍ଧଦିବସ୍ ପାଳିତ୍ ହେଇଯାଇଛେ । ଓଡ଼ିଆ ଭାଷାର୍

ସମୃଦ୍ଧି ସହେତେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍, ଶିକ୍ଷା, ସଂସ୍କୃତି ଆଉ ସମାଜ୍ କଲ୍ୟାଣ୍ ଦିଗେ ତାଙ୍କର୍ ଯଥେଷ୍ଟ ଅବଦାନ୍ ରହିଥିଲା । ଇ ଅବ୍ସରେ ରାଜ୍ବାଟି ନ ଥିବା ତାକର୍ ପ୍ରତିମୂର୍ତ୍ତିଥି ପୌର ପରିଷଦ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍ଫୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ ।

ନୂଆପଡ଼ା-ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ନ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଯୋଗ୍ ଦେଇକରି ଯୁଆନ୍ ବର୍ଗ ଠିକ୍ ସମିଆ ଆଉ ଠିକ୍ ଜାଗା ନ ନିଯୁକ୍ତି ପାଏଲେ ଦେଶ୍ ଆଉ ରାଜ୍ୟ ଆଗ୍କେ ବଢ଼ିପାର୍ବା ବଲି କହିଛନ୍ । ନିଯୁକ୍ତି ମେଳାଥି ୧ ହଜାର୍  ଶହେ ୫୫ ଝନ୍ ଯୁଆନ୍ ପିଲାଟୁକେଲ୍ ନାଁ ପଞ୍ଜିକରଣ୍ କରିଥିବାର୍ ବେଲେ ୩୪ ଟା ସର୍କାରୀ ଆଉ ଘରୋଇ କମ୍ପାନୀ ଆସିକରି ନିଜର୍ ନାଁ ପଞ୍ଜିକରଣ୍ କରେଇଥିଲେ ।

ପାଣିପାଗ    ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ କାଲ୍‌ବୈଶାଖୀର୍ ବଲେ ବର୍ଷା ହେଇଥିବାର୍‌ନୁ ତାତି ଟିକେ କମିଛେ । ଆଏବା ୩ ଦିନ୍‌ତକ୍ ରାଜ୍ୟର୍ ସମୁଦ୍ର ଖଁଡ଼ି ଇଲାକା ସହେତେ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । କାଲ୍‌ବୈଶାଖୀର୍ ଲାଗି ତାପମାତ୍ରା ୩ ନୁ ୫ ଡିଗ୍ରୀତକ୍ କମ୍‌ବା । ତାର୍ ଉତ୍‌ରୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ରାଜ୍ୟର୍ ସବୁନୁ ଜହ ତାପମାତ୍ରା  ଆଏଜ୍ ଝାର୍‌ସୁଗୁଡ଼ା ନ ୩୯ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।